# କୃଷି ସୂଚନା ସେବା (ଧାନ)
# ଭା.କୃ.ଅନୁ.ପ.-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬
# ୨୦୧୯ ମସିହା ଅକ୍ଟୋବର ମାସ ଦ୍ୱିତୀୟ ପକ୍ଷ
# (ଅତ୍ୟଧିକ ବର୍ଷା ପାଇଁ ଜରୁରୀକାଳୀନ କାର୍ଯ୍ୟପନ୍ଥା)

ବର୍ତ୍ତମାନ ଅତ୍ୟଧିକ ବର୍ଷା ହେତୁ ଋଷୀମାନେ ନିମ୍ନଲିଖିତ ପଦକ୍ଷେପ ନେବାପାଇଁ ଉପଦେଶ ଦିଆଯାଉଛି ।
କ) ଅଧିକ ପାଣି ଜମିଥିବା ଜାଗାରୁ ଜଳ ନିଷ୍କାସନ କରନ୍ତୁ ।
ଖ)ଯଦି ଫସଲ ପାକଳ ଅବସ୍ଥାରେ ଅଛି ତେବେ ଅମଳ କରି ଏହାକୁ ଭଲଭାବେ ଶୁଖାନ୍ତୁ ।

ଏଭଳି କୋହଲା ମେଘୁଆ ପାଗ, ମଝିରେ ମଝିରେ ବର୍ଷା ଏବଂ ତାପମାତ୍ରା କମ୍ ହେବା ଯୋଗୁଁ ଧାନ ଫସଲରେ ବହୁତ ପ୍ରକାରର ରୋଗ ଓ ପୋକ ଦେଖାଯାଏ । ତେଣୁ ଚାଷୀ ଭାଇମାନେ ସଜାଗ ରହିବା ଦରକାର

❖ ଯଦି ସବୁଜ ପତ୍ରଡିଆଁ ପତ୍ର ଦେଖାଯାଏ ତେବେ ଏକର ପିଛା ଆଜାଡିରାକ୍ଟିନ୍ ୫% ଡବ୍ଲ୍ୟୁ/ଡବ୍ଲ୍ୟୁ ୮୦ ମି.ଲି. କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍ ୫୦ ମି.ଲି. କିମ୍ବା ଥାୟାମିଥାକ୍ସାମ୍ ୨୫ ଡବ୍ଲ୍ୟୁ.ଜି ୪୦ ଗ୍ରାମ୍ କିମ୍ବା ଏସିଫେଟ୍ ୭୫% ଏସ୍.ପି. ୪୦୦ ଗ୍ରାମ୍ କିମ୍ବା ଫିପ୍ରୋନିଲ୍ ୦.୩% ଜି.ଆର୍. ୧୦ କି.ଗ୍ରା. ବ୍ୟବହାର କରନ୍ତୁ । ଏକର ପିଛା ୨୦୦ ଲିଟର ପାଣି ଆବଶ୍ୟକ ।

❖ ମାଟିଆ ଗୁଣ୍ଡିପୋକ ବୁଦାପ୍ରତି ୫-୧୦ଟି ପୋକ ଦେଖାଦେଲେ ଜମିର ସୁକ୍ଷ୍ମ ପରିବେଶକୁ ପରିବର୍ତ୍ତନ କରନ୍ତୁ ଯେପରିକି କ୍ରମାଗତ ଭାବେ ଓଦା ଓ ଶୁଖିଲା ରହିବ । ଜମିରେ ଅଧିକ ସମୟ ପର୍ଯ୍ୟନ୍ତ ଠିଆ ପାଣି ନରହିବା ଦରକାର । ଏହାପରେ ଯଦି ପୋକ ଦେଖାଯାଏ ତେବେ ଏକର ପିଛା ଆଜାଡ଼ିରାକ୍ଟିନ୍ ୦.୧୫% ଡବ୍ଲ୍ୟୁ/ଡବ୍ଲ୍ୟୁ (ନିମ୍ବତମ) ଔଷଧ ୬୦୦-୮୦୦ ମି.ଲି. କିମ୍ବା ଟ୍ରିଫ୍ଲୁମେଜୋପାଇମ୍ ୧୦ ଏସ୍.ସି ୯୪ ମି.ଲି. କିମ୍ବା ପାଇମେଟ୍ରୋଜିନ୍ ୫୦ % ଡବ୍ଲ୍ୟୁ.ଜି ୧୨୦ ଗ୍ରାମ୍ କିମ୍ବା ଡ଼ିନୋଟେଫ୍ୟୁରନ୍ ୨୦% ଏସ୍.ଜି. ୮୦ ଗ୍ରାମ୍ କିମ୍ବା ଇମିଡ଼ାକ୍ଲୋପ୍ରିଡ ୧୭.୮% ଏସ୍.ଏଲ୍. ୫୦ ମି.ଲି. କିମ୍ବା ଏସିଫେଟ୍ ୭୫ % ଏସ୍.ପି. ୪୦୦ ଗ୍ରାମ୍ ପ୍ରୟୋଗ କରନ୍ତୁ । ସଦା ସର୍ବଦା ଉପଯୁକ୍ତ କୀଟନାଶକ ସଠିକ୍ ମାତ୍ରାରେ ବ୍ୟବହାର କରନ୍ତୁ ।

❖ କାଣ୍ଡବିନ୍ଧା ପୋକ କିମ୍ବା ପତ୍ରମୋଡ଼ା ପୋକର ନିରିକ୍ଷଣ ପାଇଁ ଧାନରେ ଏକର ପିଛା ୩ ଟି ହିସାବରେ ଯୌନ ସମ୍ବେଦନଶୀଳ ଯନ୍ତା ରଖନ୍ତୁ । ଯେତେବେଳେ ପୁରୁଷ ପ୍ରଜାପତିର ସଂଖ୍ୟା ଗୋଟିଏ ରାତିରେ ଯନ୍ତା ପ୍ରତି ୩ ଟି ଦେଖାଯିବ, ଏକର ପିଛା ୩ଟି ଟ୍ରାଇକୋ କାର୍ଡ଼ (୧୮୦୦୦ ରୁ ୨୦୦୦୦ ଅଣ୍ଡା) ୧୦ ଦିନ ଅନ୍ତରରେ ବ୍ୟବହାର କରନ୍ତୁ । ଯଦି ମଲା ମଞ୍ଜ ଦେଖାଯାଏ ତେବେ ଏକର ପିଛା ଆଜାଡ଼ିରାକ୍ଟିନ୍ ୦.୧୫% (ନିମ୍ବତମ) ଏକ ଲିଟର କିମ୍ବା ଏକର ପିଛା କ୍ଲୋରାନ୍‌ଟ୍ରାନିଲିପ୍ରୋଲ ୪% ଜି.ଆର ୪ କି.ଗ୍ରା. ବାଲି ସହିତ ସମାନ ଭାବରେ ମିଶାଇ ପ୍ରୟୋଗ କରନ୍ତୁ କିମ୍ବା କ୍ଲୋରାନ୍‌ଟ୍ରାନିଲିପ୍ରୋଲ ୧୮.୫% ଏସ୍.ସି ୬୦ ମି.ଲି. ଏକର ପିଛା ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

******